# ସମାଜ

# ତାରିଖ: ୨୪.୦୨.୨୦୧୭

## ବି.ଆଇ.ଆଇ.ଟି.ଏମ୍ ଫେଷ୍ଟ ୨୦୧୭

ଭୁବନେଶ୍ୱର : ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ଓଡ଼ିଶାର ବିଭିନ୍ନ ବୈଷୟିକ ଓ ମ୍ୟାନେଜମେଣ୍ଟ କଲେଜକୁ ନେଇ ଏକ



ପ୍ରତିଯୋଗିତା ମୂଳକ ସମାରୋହ ବି.ଆଇ.ଆଇ.ଟି.ଏମ୍ ଫେଷ୍ଟ ୨୦୧୭ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଉଦ୍‌ଘାଟନ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ପ୍ରତାପ କୁମାର ତ୍ରିପାଠୀ ଏହି ଉତ୍ସବ ଆୟୋଜନର ଲକ୍ଷ୍ୟ ଏବଂ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଦକ୍ଷତାକୁ କିପରି ପ୍ରକାଶ କରିପାରିବ ସେ ବିଷୟରେ ସୂଚନା ଦେଇଥିଲେ । ଉଦ୍‌ଘାଟନ ଉତ୍ସବରେ ଓଟିଭିର ମାନବ ସମ୍ବଳ ବିଭାଗ ମୁଖ୍ୟ ଦଲୀପ ସିଂହ ମଙ୍ଗତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥିଭାବେ ଏନ୍.ଇ.ଏନ୍‌ର ଆଞ୍ଚଳିକ ସଂଯୋଜକ ବରଦାପ୍ରସାଦ ପାଣିଗ୍ରାହୀ ଯୋଗ ଦେଇଥିଲେ । ସମାରୋହର ଉଦ୍‌ଯାପନ ଉତ୍ସବରେ ଓ.ପି.ଏସ୍.ଏଲ୍‌ର ଅଧ୍ୟକ୍ଷ ଡକ୍ଟର ଅମୀୟ କୁମାର ବେହେରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ନଗଦରାଶି ପ୍ରଦାନ କରିଥିଲେ ।